# ମାଣ୍ଡିଆରେ ମହିଷା ରୋଗ (Blast)





ଏହା ଏକ ପ୍ରକାର କବକ ବା ଫିଙ୍ଗିର ଆକ୍ରମଣ ଦ୍ୱାରା ହୁଏ । ଏହି ରୋଗ ତାଳି କିଆରୀ ଠାରୁ ଆରମ୍ଭ କରି ମାଣ୍ଡିଆ ପାଚି ଆସିବା ପର୍ଯ୍ୟନ୍ତ ଯେ କୌଣସି ଅବସ୍ଥାରେ ହୋଇପାରେ । ଏହି ରୋଗ ହେଲେ ପତ୍ରରେ ପ୍ରଥମେ ନୀଳ ରଙ୍ଗର ଛୋଟ ଛୋଟ ଚିହ୍ନ ବା ଦାଗ ଦେଖାଯାଏ । ସେହି ଦାଗ ଗୁଡିକ କ୍ରମେ ବଢି ଲାମ୍ବାକୃତି କିମ୍ବା ତାକୁଡି ଆକୃତି ହୋଇଥାଏ । ଦାଗର ମଝିଅଂଶ ପାଉଁଶିଆ ଦେଖାଯାଏ ଓ ତାର ଚାରିପାଖ ବାଦାମିରଙ୍ଗ ଦେଖାଯାଏ । ତଳି କିଆରୀରେ ଏହି ରୋଗ ହେଲେ ତଳି ପୋଡିଗଲା ପରି ଦେଖାଯାଏ । ମାଣ୍ଡିଆ ରୁଆ ହେବା ପରେ ଏହି ରୋଗ ହେଲେ ପତ୍ରରେ ଲମ୍ବାଳିଆ ଦାଗ ହୋଇଯାଏ ଏବଂ ପତ୍ର ଶୁଖିଯାଏ, ଗଣ୍ଠି କଳା ପଡିଯାଏ କେଣ୍ଡା ବା ଖେଡ କଳା ପଡି ଶୁଖିଯାଏ ।

## ନିୟନ୍ତ୍ରଣ

- ଖରାଟିଆ ଚାଷ କରନ୍ତୁ , ଯାହାଦ୍ୱାରାକି ମାଟି ମଧ୍ୟରେ ଥିବା ଫିଙ୍ଗୀର ମଞ୍ଜିଗୁଡିକ ସୂର୍ଯ୍ୟାଲୋକରେ ନଷ୍ଟ ହୋଇଯିବ ।
- ଯବକ୍ଷାରଜାନ ସାରର ମାତ୍ରା କମ କରନ୍ତୁ ।
- ଜମିରୁ ଅନାବନା ଘାସ ବାଛନ୍ତୁ ।
- ପୂର୍ବ ଫସଲର ଅବଶିଷ୍ଟ ଅଂଶକୁ ନଷ୍ଟ କରି ଦିଅନ୍ତୁ ।
- ଶୀଘ୍ର ରୋପା କରନ୍ତୁ ।
- ୨୫୦ ଗ୍ରାମର ବେଲ ବା ତୁଳସୀ ପତ୍ରରସକୁ ୧୦ ଲିଟର ପାଣିରେ ଗୋଳାଇ ସପ୍ତାହରେ ଦୁଇ ଥର ପ୍ରୟୋଗ କରନ୍ତୁ ।
- ବୀଜାମୃତ (୨୦୦ ମି.ଲି./୧ କେ.ଜି) କିମ୍ବା ଟ୍ରାଇକୋଡର୍ମା ପାଉଡର (୧୦ଗ୍ରାମ/୧କେ.ଜି)ରେ ବିହନ ବିଶୋଧନ କରନ୍ତୁ ।
- ୧ ଲିଟର ଗୋମୁତ୍ରରେ ୧୦ ଲିଟର ପାଣିରେ ମିଶାଇ ପ୍ରତି ୭ ଦିନରେ ଥରେ ସିଞ୍ଚନ କରନ୍ତୁ ।
- ପ୍ରତି ୧୦ ଲିଟର ପାଣିରେ ୧୦ ଗ୍ରାମ କାରବେଣ୍ଡିଜିମ କିମ୍ବା ୮ ଗ୍ରାମ ଟ୍ରାଇସାଇକ୍ଲୋଜୋଲ ସିଞ୍ଚନ କରନ୍ତୁ